## ଆଜି କ'ଣ କେଉଁଠି

**ଛେଣ୍ଡିପଦା**

- ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଯୁବ ବାହିନୀ ପ୍ରଶିକ୍ଷଣ ଶିବିର, **ସ୍ଥାନ:**ଛେଣ୍ଡିପଦା ମିନି ଷ୍ଟାଡିୟମ, **ସମୟ:**ପୂର୍ବାହ୍ନ ୧୧ ଟା।

## ନାଗ, ରଣା ଉଦ୍ଧାର



**ଛେଣ୍ଡିପଦା/ଅନୁଗୋଳ,୧୩।୯ (ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ବାଗଡିଆ ମାଉସୀସାହିର କିଶୋର ଚନ୍ଦ୍ର ସାହୁଙ୍କ ଘରୁ ଗୁରୁବାର ସନ୍ଧ୍ୟାରେ ସାଢେ ୩ ଫୁଟ ଲମ୍ବର ଏକ ନାଗ ସାପ ଉଦ୍ଧାର କରାଯାଇଛି। ସ୍ନେକ ହେଲପ ଲାଇନର ସଦସ୍ୟ ହିମାଂଶୁ ଶେଖର ଦେହୁରୀ ଉଦ୍ଧାର କରିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିଲେ। ସେହିପରି ଅନୁଗୋଳ ଜରାସିଂହା ଗ୍ରାମର ବଳରାମ ସାହୁଙ୍କ ଘରୁ ୬ ଫୁଟ ଲମ୍ବର ଏକ ରଣା ସାପ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ମାଇକେଲ ରାଜୁ ସାପଟିକୁ ସୁରକ୍ଷିତ ସ୍ଥାନରେ ଛାଡି ଦେଇଛନ୍ତି।

## ସାପ କାମୁଡ଼ାରେ ମହିଳା ଗୁରୁତର

**ଛେଣ୍ଡିପଦା,୧୩।୯(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ବାଗଡିଆ ଗ୍ରାମ ଖଳାମାଳ ସାହିର ଉଷାରାଣୀ ସାହୁ(୪୫) ଗୁରୁବାର ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ବାଡିପଟ କୂଅକୁ ପାଣି ପାଇଁ ଯାଇଥିବାବେଳେ ଏକ ବିଷାକ୍ତ ସାପ ତାଙ୍କ ଗୋଡକୁ କାମୁଡ଼ି ଦେଇଥିଲା। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଦୁର୍ଘଟଣାରେ ଜଣେ ଗୁରୁତର

**କଣିହାଁ, ୧୩।୯(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ନୂଆବଲାଙ୍ଗିଠାରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରେକର ଓ ବାଇକ୍ ମଧରେ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ପରଜଙ୍ଗ ଥାନା ଜଟିଆ ଗ୍ରାମର ବୋଲି ଜଣାପଡିଛି। ତାଙ୍କୁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୋଲିସ କହିଛି, ଏକ ଟ୍ରେକର(ନଂ. ଓଆର୍ ୦୬ ଏ ୩୯୬୩) ସହ ବାଇକ୍(ନଂ. ଓଡ଼ି ୩୫ ବି ୩୦୨୪) ମଧରେ ଧକ୍କା ହୋଇଥିଲା। ଟ୍ରେକର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ■ ପୁଣି ଚର୍ଚ୍ଚାରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ

# ରାତି ବଢ଼ିଲେ ନିଦ ବଢୁଛି

**ଅନୁଗୋଳ ଅଫିସ, ୧୩।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ସୁରକ୍ଷା ଏବେ ଢିଲା ହୋଇଯାଇଛି। ବିଶେଷକରି ବିଳମ୍ବିତ ରାତିରେ ବିଭିନ୍ନ ୱାର୍ଡ ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀମାନେ ଠିକ୍ ଭାବେ ଦାୟିତ୍ୱ ନ ତୁଲାଇ ଶୋଇ ଯାଉଥିବା ଅଭିଯୋଗ ହେଉଛି। ଏ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ କର୍ତ୍ତୃପକ୍ଷ କହିଛନ୍ତି, ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜିଲା ମୁଖ୍ୟ ଚିକିତ୍ସାଳୟ ହୋଇଥିବାରୁ ଏଠାରେ ସର୍ବଦା ରୋଗୀଙ୍କ ଗହଳି ହେଉଛି। ତେଣୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଘରୋଇ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ମେଡିକାଲରେ ଥିବା ସମସ୍ତ ବିଭାଗ, ଜରୁରିକାଳୀନ ସେବା, ଏପରି କି ଷ୍ଟୋର ରୁମ୍ ସମ୍ମୁଖରେ ମଧ୍ୟ ସୁରକ୍ଷା କର୍ମୀମାନଙ୍କୁ ମୁତୟନ କରାଯାଇଛି। କିନ୍ତୁ ରାତି ବଢ଼ିଲେ ବିଭିନ୍ନ ୱାର୍ଡ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀମାନଙ୍କ ଆଖିରେ ନିଦ ବଢୁଛି। ସେମାନେ ଅଣ୍ଟା ସଳଖିବା ପାଇଁ ଉପଯୁକ୍ତ ଜାଗା ଖୋଜୁଛନ୍ତି। ଆଉ ତାହା ମିଳିବା ମାତ୍ରେ ସୁରକ୍ଷା ଦେବା ବଦଳରେ ସେମାନେ ଶୋଇ ଯାଉଛନ୍ତି। କେବଳ ଗୋଟିଏ କି ଦୁଇଟି ୱାର୍ଡ ନୁହେଁ, ଅନେକ ୱାର୍ଡରେ ଏପରି ଚିତ୍ର ପ୍ରତି ରାତିରେ ଦେଖିବାକୁ ମିଳୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଗତ ମଙ୍ଗଳବାର ରାତିରେ ମଧ ଏପରି ଦୃଶ୍ୟ ସେମାନେ ଦେଖିବାକୁ ପାଇଥିଲେ। ମେଡିକାଲ ପୁରୁଷ ବିଭାଗ ନିକଟରେ ଥିବା ସିଟି ସ୍କାନ ୱାର୍ଡ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ପଡ଼ିଥିବା ଚେୟାରଗୁଡ଼ିକ ଉପରେ ଶୋଇପଡ଼ିଥିବା ବେଳେ ଅନ୍ୟଜଣେ ନିଜ ଚୌକିରେ ଶୋଇ ଯାଇଥିଲେ। ସେହିପରି ଅନ୍ୟ କେତେକ ୱାର୍ଡର ସୁରକ୍ଷା କର୍ମୀ ଡ୍ୟୁଟି ସ୍ଥାନ ଛାଡ଼ି କେଉଁଆଡ଼େ ଚାଲିଯାଇଥିଲେ। ମହିଳା ୱାର୍ଡରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ସର୍ଜରୀ ୱାର୍ଡରେ କୌଣସି ସୁରକ୍ଷା କର୍ମୀ ରାତିରେ ନଜରକୁ ଆସି ନ ଥିଲେ। ପ୍ରତ୍ୟେକ ରାତିରେ ସୁରକ୍ଷା କର୍ମୀମାନେ ଏପରି ଶୋଇ ଯାଉଛନ୍ତି ଯେ ଡାକିଲେ ମଧ ସେମାନେ ଶୁଣୁ ନ ଥିବା ଜଣେ ସମ୍ପର୍କୀୟ କହିଛନ୍ତି।

ଏ ସମ୍ପର୍କରେ ସୁରକ୍ଷା ଦାୟିତ୍ୱରେ ଥିବା ଘରୋଇ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଦେହୁରୀଙ୍କ ମୋବାଇଲ ନଂ. ୯୦୯୦୭୬୩୨୧୩ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ଅନ୍ୟପକ୍ଷରେ ଚିକିତ୍ସାଳୟର ଭାରପ୍ରାପ୍ତ ଅଧିକାରୀ ତ୍ରିଲୋଚନ ପ୍ରଧାନ କହିଛନ୍ତି, ସେମିତି କିଛି ଘଟଣା ମୋ ନଜରକୁ ଆସି ନାହିଁ। ଏଭଳି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ପୁରୁଷ ବିଭାଗ ୱାର୍ଡ ସମ୍ମୁଖରେ ସୁରକ୍ଷାକର୍ମୀ ଶୋଇପଡିଛନ୍ତି।



ଟ୍ରକ୍ ଓନର ଆସୋଶିଏଶନ କ୍ୟାବିନ୍ ସମ୍ମୁଖରେ ସୁରକ୍ଷାକର୍ମୀ ନିଘୋଡ ନିଦରେ।

■ସୁରକ୍ଷା ଛାଡ଼ି ଶୋଇଯାଉଛନ୍ତି ସୁରକ୍ଷାକର୍ମୀ

■ଜରୁରିକାଳୀନ ବ୍ୟତୀତ ଅନ୍ୟ ୱାର୍ଡରେ ସୁରକ୍ଷା ଢିଲା

■ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ- କର୍ତ୍ତୃପକ୍ଷ

## ଆଲୋକମାଳାରେ ଝଲସୁଛି ଅନୁଗୋଳ

**ଅନୁଗୋଳ ଅଫିସ, ୧୩।୯**

ପବିତ୍ର ଗଣେଶ ପୂଜା ପାଇଁ ଉତ୍ସବ ମୁଖର ହୋଇଉଠିଛି ସହର। ଆଲୋକରେ ଝଲସୁଛି ଗଳିକନ୍ଦି। ଏହା ସାଙ୍ଗକୁ ଆକର୍ଷଣ ସାଜିଛି ବିଭିନ୍ନ ପୂଜା ମଣ୍ଡପ। ବିଭିନ୍ନ କ୍ଲବରେ ଦେଖିବାକୁ ମିଳିଛି ଭଳିକି ଭଳି ଗଜାନନଙ୍କ ମୂର୍ତ୍ତି। ଆଉ ଆଲୋକର ତୋରଣରେ ସଜେଇ ହୋଇଛି ମଣ୍ଡପର ଆଖପାଖ ଅଞ୍ଚଳ। ଅନୁଗୋଳର ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ପୂଜା ପାଳନ କରାଯାଇଛି। ପୂର୍ବାହ୍ନରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏବଂ ବିଭିନ୍ନ ଅନୁଷ୍ଠାନ ଓ କ୍ଲବରେ ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜା ଚାଲିଥିଲା। କେତେକ ପୂଜା ଅନୁଷ୍ଠାନରେ ୨୦ ଫୁଟର ମୂର୍ତ୍ତି ସହ ସାମାଜିକ ବାର୍ତ୍ତା ପ୍ରଦାନ କରୁଥିବା ମୃଣ୍ମୟ ମୂର୍ତ୍ତି ସ୍ଥାନ ପାଇଛି। ତେବେ ପ୍ରଥମ ଦିନରେ କୌଣସି କ୍ଲବରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ନ ଥିବାବେଳେ ଆଗାମୀ ଦିନରେ ଏହା ଆୟୋଜନ କରାଯିବ ବୋଲି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଅନୁଗୋଳର ୨୮ ମଣ୍ଡପରେ ଗଣେଶ ପୂଜା କରାଯାଉଛି।



ଏ ୱାନ କ୍ଲବ, ଅମଲାପଡା ପକ୍ଷରୁ ପ୍ରସ୍ତୁତ ଗଣେଶ ମେଢ।

## ଆଜି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ

**ଅନୁଗୋଳ ଅଫିସ, ୧୩।୯**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଶୁକ୍ରବାର ୩ ଦିନିଆ ଅନୁଗୋଳ ଜିଲା ଗସ୍ତରେ ଆସୁଛନ୍ତି। ମନ୍ତ୍ରୀ ଛେଣ୍ଡିପଦାର ମିନିଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ବିଜୁ ଯୁବ ବାହିନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବିଜେଡି ଜିଲା ଯୁବ ସଭାପତି ଦିନେଶ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କେବଳ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଥିବା ୫୨ଟି ପଞ୍ଚାୟତରୁ ପ୍ରାୟ ଦେଢ଼ ହଜାର ଯୁବକ ଯୋଗ ଦେବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ମନ୍ତ୍ରୀ ଜେନା ବଣ୍ଡଁରପାଳ ବ୍ଲକ ଡେରଜାଙ୍ଗ ପ୍ରୋଜେକ୍ଟ ନିକଟରେ ବିଜୁ ଜନତା ଦଳର ଏକ କର୍ମୀ ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀ ୧୮ଟି ପଞ୍ଚାୟତର ଲୋକଙ୍କୁ ନେଇ ଆୟୋଜନ କରାଯାଉଥିବା ସୂଚନା ମିଳିଛି। ସଙ୍ଗଠନ ମଜଭୁତ ସହ ରାଜ୍ୟ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏହାର ମୁଖ୍ୟ ଲକ୍ଷ୍ୟ ରହିଛି। ଛେଣ୍ଡିପଦା ପରେ ମନ୍ତ୍ରୀ ଜେନା ତାଳଚେର ଓ ଆଠମଲ୍ଲିକରେ ମଧ ବିଜୁ ଯୁବ ବାହିନୀକୁ ମନ୍ତ୍ରୀ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ଜିଲା ଯୁବ ସଭାପତି ପ୍ରଧାନ ସୂଚନା ଦେଇଛନ୍ତି।

## ଛେଣ୍ଡିପଦା ବନାଞ୍ଚଳରେ ୨୬ ହାତୀ

**ଛେଣ୍ଡିପଦା,୧୩।୯(ଡି.ଏନ.ଏ.)**

ଛେଣ୍ଡିପଦା ବନାଞ୍ଚଳ ଇଲାକାରେ ଗୁରୁବାର ୨୬ଟି ବଣୁଆ ହାତୀ ଚଳପ୍ରଚଳ କରୁଥିବା ଜଣାପଡିଛି। କଙ୍କୁରପାଳ ଜଙ୍ଗଲରେ ୪ଟି ହାତୀ ଥିବା ବେଳେ ଡଙ୍ଗାପାଳ ଜଙ୍ଗଲରେ ନରହନ୍ତା ଦନ୍ତା ରହିଛି। ମାରୁଢିପ ଇଲାକାରେ ୧୩ଟି ଓ କଇଁଛପଦା ଅଞ୍ଚଳରେ ୯ଟି ହାତୀ ଚଲାବୁଲା କରୁଛନ୍ତି। ଏହି ସବୁ ଅଞ୍ଚଳ ରାସ୍ତାରେ ସକାଳ ଓ ସନ୍ଧ୍ୟାରେ ଯାତାୟାତ ନ କରିବା ଏବଂ ଜଙ୍ଗଲ ଇଲାକା ମଧକୁ ନ ଯିବା ପାଇଁ ବନ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଏ ସମ୍ପର୍କରେ ଫରେଷ୍ଟ ରେଞ୍ଜ ଅଫିସର ଦୁର୍ଗା ଚରଣ ସାହୁ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି।

### ■ ଯାଜପୁରରୁ ଆସିଲା ୬୦ ଭିଭିପାର୍ଟ ମେଶିନ୍

# ୪୦୬ ଇଭିଏମ୍‌ରେ ତ୍ରୁଟି, ଶନିବାର ସରିବ ଯାଞ୍ଚ

**ଅନୁଗୋଳ ଅଫିସ, ୧୩।୯**

ସାଧାରଣ ନିର୍ବାଚନ ପାଇଁ ଅନୁଗୋଳରେ ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଯାଞ୍ଚ ପ୍ରକ୍ରିୟା ଶନିବାର ଶେଷ ହେବ। ଜିଲା ନିର୍ବାଚନ ଅଧିକାରୀ ସରୋଜ କୁମାର ପଣ୍ଡା ଗୁରୁବାର ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୫,୦୯୦ ଇଭିଏମ୍ ଯାଞ୍ଚ ସରିଥିବା ବେଳେ ସେଥିରୁ ୪୦୬ଟି ଖରାପ ଥିବା ଜଣାପଡ଼ିଛି। ସେହିପରି ଯାଞ୍ଚ ହୋଇଥିବା ୨୬୫୦ ବାଲାଟ ୟୁନିଟ୍(ବିୟୁ) ମଧ୍ୟରୁ ୮୦ଟି କାମ କରୁ ନାହିଁ। ୨୪୪୦ଟି କଣ୍ଟ୍ରୋଲ ୟୁନିଟ(ସିୟୁ) ମଧ୍ୟରୁ ୩୨୬ଟି ଅଚଳ ରହିଛି। ଏହାକୁ ତୁରନ୍ତ ପରିବର୍ତ୍ତନ କରାଯିବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଯାଜପୁରରୁ ୬୦ଟି ଭିଭି ପାର୍ଟ ମେଶିନ୍ ଆସି ଅନୁଗୋଳରେ ପହଞ୍ଚିଛି। ଏହାକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅନୁଗୋଳ ରିଜର୍ଭ ପୋଲିସ ଲେନ୍‌ରେ ରଖାଯାଇଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ କଣ୍ଟେନର ଖୋଲାଯାଇ ଷ୍ଟ୍ରଙ୍ଗ ରୁମ୍‌କୁ ନିଆଯିବ। ଅନ୍ୟପକ୍ଷରେ ଅବଶିଷ୍ଟ ୩୦୨୦ଟି ମେଶିନ୍ ହାଇଦ୍ରାବାଦରୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଯାଇଥିବା ଜଣାପଡ଼ିଛି। ଏହି ମେଶିନ୍‌ଗୁଡ଼ିକ ୬ଟି କଣ୍ଟେନରରେ ଆସିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଆଣିବା ପାଇଁ ବଣ୍ଡଁରପାଳ ତହସିଲଦାରଙ୍କ ସହ କଣିହାଁ ତହସିଲଦାର ଓ ଏମ୍‌ସିଏଲ ଭୂ-ଅର୍ଜନ ଅଧିକାରୀ ଯାଇଛନ୍ତି। ସେହିପରି ସୁରକ୍ଷା ପାଇଁ ୮ ଜଣ ସଶସ୍ତ୍ର ପୋଲିସ ଉକ୍ତ ଟିମ୍ ସହ ଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ୩ ତାରିଖ ଠାରୁ ଇଭିଏମ୍ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟରେ ମୋଟ୍ ୨୨ ଜଣଙ୍କୁ କର୍ମଚାରୀ ନିୟୋଜିତ କରାଯାଇଛି।

# ମଣ୍ଡପରେ ବିଜେ ବିଘ୍ନନାଶକ

**ତାଳଚେର,୧୩।୯ (ନି.ପ୍ର.)**

ତାଳଚେରର ଗଣପର୍ବ ପ୍ରସିଦ୍ଧ ଗଣେଶ ପୂଜା ଗୁରୁବାର ଠାରୁ ମହାଆଡମ୍ବରରେ ଆରମ୍ଭ ହୋଇଛି। ଏଥିଯୋଗୁ ତାଳଚେର ସହର ଉତ୍ସବମୁଖର ହୋଇଉଠିଛି। ୮୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ପ୍ରଭୁ ବିଘ୍ନ ବିନାଶକ ବିଜେ ହୋଇଛନ୍ତି। ରଙ୍ଗିନ ଆଲୋକ ମାଳାରେ ସଜେଇ ହୋଇ ସହର ଝଲସି ଉଠିଛି। ୧୧ ଦିନବ୍ୟାପି ଏହି ପୂଜା ଅନୁଷ୍ଠିତ ହେବ ବୋଲି କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ସ୍ଥିରୀକୃତ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୨ ସେକ୍ସନ ଫୋର୍ସ ମୁତୟନ ହୋଇଛନ୍ତି । ପୂଜା ପାଇଁ ସହରବାସୀଙ୍କ ମନରେ ଉତ୍ସାହ ଜମିଛି। ପ୍ରାୟ ପଚାଶ ଦଶକରେ ସହରରେ ଆରମ୍ଭ ହୋଇଥିବା ଗଣେଶ ପୂଜାର କଳେବର ଇତିମଧ୍ୟରେ ପୁରୁଣା ପୋଷ୍ଟଅଫିସଠାରୁ ହାଣ୍ଡିଧୂଆଁ ଛକ ପର୍ଯ୍ୟନ୍ତ ୫ କିମି ବ୍ୟାପିଛି। ପୂଜା ମଣ୍ଡପ ସଂଖ୍ୟା ବୃଦ୍ଧି ପାଇ ୮୦ ଟପିଛି। ଏଥିସହ ରୂପରେଖ ଓ ବଜେଟରେ ମଧ ବହୁ ପରିବର୍ତ୍ତନ ଆସିଛି। ହନୁମାନପଡ଼ା, ନୂଆ ବସ୍‌ଷ୍ଟାଣ୍ଡ, ବିଶ୍ୱକର୍ମା ବଜାର, ଗଣପତି ବଜାର, ହାଟତୋଟା ବଣିକ ସଂଘ, ବଡ଼ ବଜାର, ନୂଆ ବଜାର, ବଉଳଛକ ପୂଜାକମିଟି, କାର୍ଗିଲ ଗ୍ରୁପ୍, ମ୍ୟୁନିସିପାଲିଟି ବଜାର, ଚିତ୍ରକୁଟ ବଜାର, କାରିଗରପଡ଼ା, ପାଟଣାସାହି, ଭୈରବୀସାହି, ରାମଚନ୍ଦ୍ର ବଜାର, ବସ୍‌ଷ୍ଟାଣ୍ଡ, ବାଇପାସ୍ ଛକ, ତାମ୍ରିତ ମାର୍କେଟ, କଳିଙ୍ଗ ମାର୍କେଟ, ହିଙ୍ଗୁଳା ମାର୍କେଟ, ଜଗନ୍ନାଥ ମାର୍କେଟ, ହାଟତୋଟା ବଣିକ ସଂଘ, ଶର୍ମାଛକ, ହାଣ୍ଡିଧୂଆଁ ପ୍ରଭୃତି ଅଞ୍ଚଳରେ ପୂଜାମଣ୍ଡପମାନ ନିର୍ମିତ ହୋଇଛି । ପୂଜା ପାଇଁ କମିଟି ସଦସ୍ୟ, ସ୍ଥାନୀୟ ବାସିନ୍ଦା ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରାରେ ଆସି ମଣ୍ଡପରେ ଘଟ ସ୍ଥାପନ କରିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଚଳିତବର୍ଷ ବହୁ ସଂଖ୍ୟକ ଉଠାଦୋକାନୀ, ବିଭିନ୍ନ ପ୍ରକାରର ଦୋଳି, ସୁପରବଜାର, ମିନାବଜାର, ଫାଷ୍ଟଫୁଡ ଦୋକାନୀ ଏଠାରେ ପହଞ୍ଚି ସେମାନଙ୍କ ବ୍ୟବସାୟ ଆରମ୍ଭ କରିଛନ୍ତି। ସେହିପରି ତାଳଚେର ସହର ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗଣେଶପୂଜା ମହାସମାରୋହରେ ପାଳିତ ହୋଇଛି।



ବ୍ରାହ୍ମଣୀ ନଦୀ ଘାଟରେ କଳସ ପୂଜା କରାଯାଉଛି।

■ତାଳଚେର ଉତ୍ସବମୁଖର

■ଝଲସୁଛି ୮୦ରୁ ଉର୍ଦ୍ଧ୍ୱ ମଣ୍ଡପ

■୧୧ ଦିନ ଧରି ଚାଲିବ ପୂଜା

■୨୨ ସେକ୍ସନ ଫୋର୍ସ ମୁତୟନ

## ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

**ତାଳଚେର,୧୩।୯(ନି.ପ୍ର.)**

ପୂଜାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ୨୨ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅତିରିକ୍ତ ଏସ୍‌ପିଙ୍କ ସହିତ ୨ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟର, ୨୦ ଏସ୍‌ଆଇ, ୧୮ ଏଏସ୍‌ଆଇ, ୧୩ ହାବିଲଦାର, ୬ ଟ୍ରାଫିକ କନଷ୍ଟେବଲ, ୮୧ କନଷ୍ଟେବଲ ଏବଂ ୧୩୫ ହୋମଗାର୍ଡ଼ଙ୍କୁ ନିୟୋଜିତ କରାଯାଇଛି। ଏଥିସହ ୪ଟି ମୋବାଇଲ ପାଟ୍ରୋଲିଂ ଟିମ୍ ଓ ୨ଟି ଫୁଟ୍ ପାଟ୍ରୋଲିଂ ଟିମ୍‌ର ବ୍ୟବସ୍ଥା ମଧ ହୋଇଛି । ମଦ୍ୟପ ଧରପଗଡ଼ ଯାନ, ସାଦାପୋଷାକଧାରୀ ପୋଲିସ ସହରରେ ପଇଠଁରା ମାରିବେ ବୋଲି ସ୍ଥିର କରାଯାଇଛି। ବଡ଼ବଜାର, ରାମଚନ୍ଦ୍ରବଜାର, ହାଟତୋଟା, ଶର୍ମା ଛକଠାରେ ଅସ୍ଥାୟୀ ଆଉଟପୋଷ୍ଟ ଖୋଲା ଯାଇଛି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ସଭାସ୍ଥଳ ଭୂମି ପୂଜନ

**ତାଳଚେର,୧୩।୯(ନି.ପ୍ର.)**

ଆସନ୍ତା ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତାଳଚେର ଏଫ୍‌ସିଆଇ ଗସ୍ତ କାର୍ଯ୍ୟକ୍ରମ ନେଇ ଗୁରୁବାର ଭାଜପା ପକ୍ଷରୁ ଗୁରୁବାର ଏଫ୍‌ସିଆଇ ଷ୍ଟାଡିୟମ୍ ସଭାସ୍ଥଳର ଭୂମି ପୂଜନ କରାଯାଇଛି। ଏଥିରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ମଞ୍ଜୁ ବେହେରା, ଲିଜା ବେହେରା, ଘଣ୍ଟପଡା ସମିତି ସଭ୍ୟା ସରୋଜିନୀ ବେହେରା, ହରମୋହନ ମିଶ୍ର, ପ୍ରକାଶ ମହାରଣା, ଚୈତନ୍ୟ ପ୍ରଧାନ, ବରୁଣ ସାହୁ, ପେସ୍କାର ଗଡନାୟକ, ଗଗନ ସାହୁ, ପୁଲିନ୍ ବିହାରୀ ନାୟକ, ଉର୍ମିଳା ଦେହୁରୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


CLASSIFIED DISPLAY

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) |
OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

STYLESPA furniture
An Opportunity To Start Your Own Business
Minimum space requirement -1500 sqft.
India's largest furniture retail chain with 67 showrooms in 56 cities is looking for franchise. Powered by Forte, Poland's largest manufacturer & part of Adventz group, manufactured in one of Asia's largest factory situated in Chennai.
FOR FURTHER DETAILS CONTACT: 93370 38666

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ଅଶ୍ୱିନୀ ଅପସ୍ମାର ବାତ କ୍ଲିନିକ୍
ବାରମ୍ବାର ଅପସ୍ମାର ବାତରେ ପୀଡ଼ିତ ରୋଗୀମାନେ ପ୍ରତି ଶନିବାର ଦିବା ୯ଟାରୁ ୧୨ ଘଟିକା ମଧ୍ୟରେ ଅଶ୍ୱିନୀ ହସ୍ପିଟାଲ୍‌ର ଅପସ୍ମାର ବାତ କ୍ଲିନିକ୍‌ରେ ଚିକିତ୍ସା ପରାମର୍ଶ କରିପାରିବେ ।
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଜଣେ ଗିରଫ

**ପାଲଲହଡ଼ା, ୧୩।୯(ଡି.ଏନ.ଏ.):** ପାଲଲହଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ବନ୍ଧାଭୂଇଁ ଗ୍ରାମର ବୁଧୁ ଝାଙ୍କିରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଅଞ୍ଚଳରେ ଏକ ଉତ୍ସବ ଚାଲିଥିବାବେଳେ ବୁଧୁ ନିଶାସକ୍ତ ଅବସ୍ଥାରେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ନଂ. ୧୩୪/୧୮ ରେ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

### ଭାଇବୋହୂଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୩।୯(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ ଗୋବିନ୍ଦପୁର ଗୌରୀ ନାୟକଙ୍କୁ ତାଙ୍କ ଦେଢଶୁର ଅରୁଣ ନାୟକ ବୁଧବାର ପଥରରେ ଆକ୍ରମଣ କରିଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ. ୧୩୯/୧୮ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ଜମିବାଡ଼ି ସମସ୍ୟାକୁ ନେଇ ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ଘରେ ଗୌରୀ ଥିବାବେଳେ ଅରୁଣ ଏକ ପଥରରେ ଗୌରୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ସେ ଥାନାରେ ଅଭିଯୋଗ କରିଥିଲେ।

### ତେଲ ଚୋରି ଅଭିଯୋଗ

**ବଇଣ୍ଡା,୧୩।୯(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁର ଗ୍ରାମରେ ଥିବା ଇଟାଭାଟିର କେତେକ ଟିପ୍ପରରୁ ଡିଜେଲ ଚୋରି ହୋଇଥିବା ଜୟାନନ୍ଦ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ସିମେଣ୍ଟ ଇଟାଭାଟିରେ ଜୟାନନ୍ଦଙ୍କ ଟିପ୍ପର ଥିବାବେଳେ କେତେଜଣ ଦୁର୍ବୃତ୍ତ ତେଲ ଚୋରି କରି ନେଇଛନ୍ତି। ସକାଳେ ଜଣାପଡ଼ିବା ପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଦ୍ୱିତୀୟ ଦିନରେ ଆନ୍ଦୋଳନ

**ବଅଁରପାଳ, ୧୩।୯(ଡି.ଏନ.ଏ.):** ନାଲ୍‌କୋରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତିକୁ ବିରୋଧ କରି ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ(ଏନ୍‌ଏସ୍‌ସିୟୁ) ପକ୍ଷରୁ ଚାଲିଥିବା ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କେନ୍ଦ୍ର ସରକାର ଏଭଳି ଏକ ଲାଭଦାୟକ କମ୍ପାନୀରୁ ପୁଞ୍ଜି ପ୍ରତ୍ୟାହାର କରି ଘରୋଇ କରଣ କରିବାକୁ ମସୁଧା କରୁଥିବା ସଙ୍ଗଠନ ଅଭିଯୋଗ କରିଛି। ସରକାର ଏହି ନିଷ୍ପତ୍ତି ନ ବଦଳାଇଲେ ଏନଏସସିୟୁ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ସଙ୍ଗଠନର କାର୍ଯ୍ୟକାରୀ ସଭାପତି ବିଭବ ଜେନା, ବିଭୂତି ଶତପଥୀ, ଜ୍ଞାନ ରଞ୍ଜନ ଜେନା, ସୁଜିତ ସେଠ, ପ୍ରଣବ ଜେନା, ଏସ୍. କେ. ମହାରଣା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଅନୁଗୋଳ ଅଫିସ, ୧୩।୯:** ଅନୁଗୋଳ ଅମଲାପଡ଼ାସ୍ଥିତ ବାସନ୍ତୀ ଦୁର୍ଗା ପଡ଼ିଆ ସମ୍ମୁଖରେ ଗୁରୁବାର ହୋଇଛି ଗଣ୍ଡଗୋଳ। ଲୁହା ରଡ଼ରେ ସଂଘବଦ୍ଧ ଆକ୍ରମଣ ଯୋଗୁ ଚନ୍ଦ୍ରକାନ୍ତ ସେଠୀ(୨୨) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ପୂର୍ବଶତ୍ରୁତା କାରଣରୁ ଏହି ଆକ୍ରମଣ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୋଲିସ କହିଛି, ଆହତ ଚନ୍ଦ୍ରକାନ୍ତଙ୍କ ଘର ହେମସୁରପଡ଼ାରେ। ସେ ବଜାରରୁ ଫେରୁଥିବା ସମୟରେ ରାଜକିଶୋରପଡ଼ାର ଦୀପୁ ନାଏକ, କରେନ ନାଏକ, ଅନିସଙ୍କ ସହ ଦୁଇ ଅଚିହ୍ନା ସହଯୋଗୀ ଆକ୍ରମଣ କରିଥିବା ଚନ୍ଦ୍ରକାନ୍ତଙ୍କ ଭାଇ ଚନ୍ଦନ ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଚନ୍ଦ୍ରକାନ୍ତଙ୍କ କହିବା ଅନୁଯାୟୀ ଆକ୍ରମଣକାରୀଙ୍କ ହାତରେ ଭୁଜାଲି ଥିଲା।

### ବୁଝାଶୁଝା ପରେ ହଟିଲା ଆନ୍ଦୋଳନ

**କଣିହାଁ,୧୩।୯(ଡି.ଏନ.ଏ.):** କଣିହାଁ କୋଇଲା ଖଣିର ଜମିହରା କ୍ଷତିଗ୍ରସ୍ତ ମାଳପଶି ଗ୍ରାମବାସୀ ଗୁରୁବାର ବିଭିନ୍ନ ସମସ୍ୟାକୁ ନେଇ ଖଣିବନ୍ଦ ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ପୋଲିସ ଓ ଖଣି କର୍ତ୍ତୃପକ୍ଷ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। କଣିହାଁ ପୋଲିସ ସୂତ୍ରରୁ ପ୍ରକାଶ, ଅପରାହ୍ନ ୨ଟାରେ ଖଣିକାର୍ଯ୍ୟ ବନ୍ଦ କରାଯାଇଥିଲା। ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବାରେ ୭ଟାରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଛି।

■ ବନ୍ତଲା-ବଡକେରା ରାସ୍ତାରେ ମାତିଲେ ଲୁଟେରା

# ଭୁଜାଲିରେ ହାଣି ଗାଡ଼ି ଲୁଟ୍

**ବନ୍ତଲା,୧୩।୯(ଡି.ଏନ.ଏ.)**



ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଥିବା ଅଭିରାମ।

ଅନୁଗୋଳ ଜିଲା ବନ୍ତଲା ଥାନା ଅନ୍ତର୍ଗତ ବନ୍ତଲା- ବଡକେରା ରାସ୍ତାର ଧୋକୁଟା ଗ୍ରାମ ଶିବ ମନ୍ଦିର ଛକ ନିକଟରେ ବୁଧବାର ରାତି ପ୍ରାୟ ୨ଟା ସମୟରେ ଲୁଟ୍‌ପାଟ ହୋଇଛି। ୬ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଜରପଡା ଥାନା ଦୁର୍ଗାପୁର ଟାଙ୍ଗିରୀ ସାହି ଗ୍ରାମର ଅଭିରାମ ସାହୁଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହ ତାଙ୍କ ଜିନିଷ ଭର୍ତ୍ତି ଥିବା ଏକ ଟାଟା ଏସିଇ ଗାଡି ଓ ବାଇକ୍ ନେଇ ପଳାଇଛନ୍ତି। ଏ ନେଇ ବନ୍ତଲା ଥାନାରେ ଅଭିଯୋଗ ହୋଇଛି।

ଘଟଣାରୁ ଜଣାପଡିଛି, ବ୍ୟବସାୟୀ ଅଭିରାମ ବୁଧବାର ଭୁବନେଶ୍ୱରରୁ ଧୂପକାଠି ମେଶିନ କିଣିଥିଲେ। ଏହି ମେଶିନ ସହ ଧୂପକାଠି ତିଆରି ସାମଗ୍ରୀ ଓ ଏକ ବାଇକକୁ (ନଂ.ଓଡି-୧୯-ଇ ୪୮୫୭) ଟାଟା ଏସିଇ(ନଂ. ଓଡି-୦୨-ଏୟୁ ୬୮୫୩)ରେ ଲୋଡିଂ କରି ରାତିରେ ଫେରୁଥିଲେ। ତାଙ୍କ ସହ ଦୁର୍ଗାପୁର ଗ୍ରାମର ଭୀଷ୍ମ ସାହୁ ଏବଂ ଗାଡି ଚାଳକ ଢେଙ୍କାନାଳ ଜିଲା ରାସୋଲ ଥାନା ଲହଡା ଗ୍ରାମର ଧନୁଜ ବେହେରା(୧୯) ଥିଲେ। ଧୋକୁଟା ଶିବ ମନ୍ଦିର ଛକ ନିକଟଠାରେ ପୂର୍ବରୁ ପ୍ରସ୍ତୁତ ଥିବା ୬ ଜଣ ଦୁର୍ବୃତ୍ତ ଖଣ୍ଡା, ଭୁଜାଲି, ଛୁରି ଧରି ଟାଟା ଏସିଇକୁ ଅଟକାଇଥିଲେ। ଚାଳକଙ୍କୁ ଗାଡ଼ିରୁ ବାହାର କରି ଭୟଭୀତ କରି ଚାବି ନେଇଯିବା ପରେ ଅଭିରାମ ସାହୁଙ୍କୁ ମଧ୍ୟ ବାହାରକୁ ଟାଣି ଆଣିଥିଲେ। ପରେ ଅଭିରାମଙ୍କୁ ଆକ୍ରମଣ କରି ମନିପର୍ସ, ମୋବାଇଲ ଫୋନ, ଏଟିଏମ୍ କାର୍ଡ ସହ ନଗଦ ୫ ହଜାର ଟଙ୍କା ନେଇ ଯାଇଥିଲେ। ଭୀଷ୍ମଙ୍କୁ ମଧ୍ୟ ଆକ୍ରମଣ କରି ତାଙ୍କ ମୋବାଇଲ ଏବଂ ମନିପର୍ସ ନେଇଯାଇଥିଲେ। ଏହି ସମୟରେ ଅନ୍ୟ ଏକ ଗାଡି ପଳାଇ ଆସିବା ଯୋଗୁ ଲୁଟେରାମାନେ ଟାଟା ଏସିଇକୁ ନେଇ ବଡକେରା ଆଡକୁ ପଳାଇଯାଇଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ଧୂପକାଠି ମେଶିନ୍, ବାଇକ୍ ସହ ଅନ୍ୟାନ୍ୟ ସାମଗ୍ରୀ ରହିଥିବା ଅଭିରାମ ଅଭିଯୋଗରେ ଦର୍ଶାଇଛନ୍ତି। ୩ ଜଣ ଯାକ ଥାନାକୁ ଆସି ଅଭିଯୋଗ କରିବା ପରେ ପୋଲିସ ପାଟ୍ରୋଲିଂ ଗାଡ଼ି ପହଞ୍ଚି ତନାଘନା କରିଥିଲେ ମଧ୍ୟ ଲୁଟେରାଙ୍କ କୌଣସି ସୁରାକ ପାଇପାରିନାହିଁ। ଆହତ ଅଭିରାମଙ୍କୁ ବନ୍ତଲା ଗୋଷ୍ଠୀସାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଇଛି। ଖୁବଶୀଘ୍ର ଲୁଟେରା ଗ୍ୟାଙ୍ଗ ଧରାପଡିବେ ବୋଲି ଆଇଆଇସି ସବ୍ୟସାଚୀ ରାଉତ ପ୍ରକାଶ କରିଛନ୍ତି।

# ୭୩୦ ଜଣଙ୍କୁ ଭତ୍ତା ବଣ୍ଟନ

**ଛେଣ୍ଡିପଦା,୧୩।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବୁଧବାର ବ୍ଲକସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଶ୍ରୀଧର ଗଡନାୟକ ପ୍ରମୁଖ ଯୋଗଦେଇ ୧୦ଟି ପଞ୍ଚାୟତର ୭୩୦ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ମାଛକୁଟା ପଞ୍ଚାୟତର ୪୯ଜଣ, ବସନ୍ତପୁରର ୪୧, ଶିମିଳିପାଳର ୮୦, ଚାଙ୍ଗୁଡିଆର ୬୪, ବ୍ରାହ୍ମଣବିଲର ୫୧, କୋଡାସାହିର ୬୩, ବାଲିପଟାର ୬୪, ନୂଆଗାଁର ୭୮, ଟାଙ୍ଗିରିର ୯୮,ପାଟକମୁଣ୍ଡାର ୮୭, କୁକୁରପେଟା ଗ୍ରାମର ୫୫ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ଖୁବଶୀଘ୍ର ବାକିଥିବା ପଞ୍ଚାୟତଗୁଡିକରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯିବ ବୋଲି ପଞ୍ଚାୟତ ଅଧିକାରୀ ପ୍ରକାଶ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାଇଚାରା ସୃଷ୍ଟି କରିଛି ବିଶ୍ୱକର୍ମା ପୂଜା

**ବଅଁରପାଳ,୧୩।୯(ଡି.ଏନ.ଏ.)**

ନାଲ୍‌କୋ ନଗରରେ କିଛି ଦିନ ପରେ ପାଳନ ହେବ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା। ଏଥିପାଇଁ ସମଗ୍ର ନାଲ୍‌କୋ ନଗର ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଚାଲିଥିବାବେଳେ ବିଭିନ୍ନ ସ୍ଥାନରେ ଦୋକାନ ବଜାର ଖୋଲିବା ପାଇଁ ନାଲ୍‌କୋ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ମେଲଟର ରୋଲିଂ ପ୍ଲାଣ୍ଟ ପୂଜା କମିଟି ପକ୍ଷରୁ ପ୍ରଭୁ ବିଶ୍ୱ ନିର୍ମାତାଙ୍କ ପୂଜା ପାଳନ କରାଯିବ। ଚଳିତ ବର୍ଷ ଏକ ରାଜ ପ୍ରସାଦ ସଦୃଶ୍ୟ ତୋରଣ ନିର୍ମିତ ହେଉଛି। ଏହାର ସମସ୍ତ କାରୁକାର୍ଯ୍ୟ ଫାଇବରରେ ତିଆରି ହେଉଛି। ଦର୍ଶକଙ୍କୁ ଏହା ଆକର୍ଷିତ କରିବ ବୋଲି କମିଟିର କର୍ମକର୍ତ୍ତାମାନେ ଆଶା ରଖିଛନ୍ତି।

## କମିଟି କର୍ମକର୍ତ୍ତାଙ୍କ ମୁହଁରୁ



ଚଳିତ ବର୍ଷ ନୂତନ ଶୈଳୀରେ ମେଢ଼ ନିର୍ମାଣ ହେଉଛି। ସମସ୍ତ କାରୁକାର୍ଯ୍ୟ ଫାଇବରରେ ତିଆରି କରାଯାଉଛି।

**-ମଳୟ ବସନ୍ତ ବାରିକ, ପୂଜା କମିଟି ସମ୍ପାଦକ**



ଚଳିତ ବର୍ଷ ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପୂଜା ପାଇଁ ୩ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି।

**-ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ**



ରଙ୍ଗିନ ଆଲୋକରେ ମଣ୍ଡପ ଝଲସିବ। ଦୀର୍ଘ ବର୍ଷ ହେଲା ହିନ୍ଦୁ ଓ ମୁସଲମାନମାନେ ଏକାଠି ପୂଜା କରୁଥିବାରୁ ଏଠାରେ ଭାଇଚାରା ସୃଷ୍ଟି ହୋଇଥାଏ।

**-ସନ୍ତୋଷ କୁମାର ସାହୁ, କମିଟି ସଦସ୍ୟ**

# ପୋଖରୀ ହୁଡ଼ାରୁ ମୃତଦେହ ଉଦ୍ଧାର



■ହତ୍ୟା ଅଭିଯୋଗ ଆଣିଲା ପରିବାର
■ବଇଣ୍ଡା-ଆଠମଲ୍ଲିକ ରାସ୍ତା ଅବରୋଧ

**ବଇଣ୍ଡା,୧୩।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ବେଲବଣିଆ ଗ୍ରାମ ପୋଖରୀ ହୁଡ଼ାରୁ ବୁଧବାର ଅପରାହ୍ନରେ କରଡ଼ାବାହାଲୀ(ଖ) ଗ୍ରାମର ଗଙ୍ଗାଧର ବେହେରା(୨୭)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ମୃତଦେହ ଜବତ କରି ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ଏ ସଂକ୍ରାନ୍ତରେ ନଂ.୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଗଙ୍ଗାଧରଙ୍କୁ ହତ୍ୟା କରାଯାଇ ପୋଖରୀ ହୁଡ଼ାରେ ପକା ଯାଇଥିବା ତାଙ୍କ ବାପା ଟିଙ୍କୁନ ବେହେରା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ପଦକ୍ଷେପ ନ ନେବାରୁ ଅସନ୍ତୁଷ୍ଟ ଗ୍ରାମବାସୀ ଗୁରୁବାର ବ୍ୟବଚ୍ଛେଦ ହୋଇ ଆସିବା ପରେ ମୃତଦେହକୁ ଗୁଣ୍ଡୁରୀଠାରେ ରଖି ବଇଣ୍ଡା-ଆଠମଲ୍ଲିକ ରାସ୍ତା ଅବରୋଧ କରିଛନ୍ତି। ମଧ୍ୟାହ୍ନ ୧ଟାରୁ ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଚାଲିଥିଲା। ଠାକୁରଗଡ଼ ପୋଲିସ ସେଠାରେ ପହଞ୍ଚିବା ପରେ ଗ୍ରାମବାସୀ ସେମାନଙ୍କୁ ଘେରାଉ କରିଥିଲେ।

ଅଭିଯୋଗରୁ ପ୍ରକାଶ, ଗଙ୍ଗାଧରଙ୍କଠାରୁ ବେଲବଣିଆ ଗ୍ରାମର ଜଣେ ବ୍ୟକ୍ତି ୩୦ ହଜାର ଟଙ୍କା ଋଣ ନେଇଥିଲେ। ଗଙ୍ଗାଧର ତାଙ୍କୁ ଟଙ୍କା ମାଗିବାକୁ ବୁଧବାର ସକାଳେ ଗଙ୍ଗାଧର ବେଲବଣିଆ ଗ୍ରାମକୁ ଯାଇଥିଲେ। ହେଲେ ଅପରାହ୍ନ ୧ଟାରେ ଗ୍ରାମ ପୋଖରୀ ହୁଡ଼ାରେ ତାଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଖବର ପାଇଥିଲେ। ସେ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ବେଲବଣିଆ ଗ୍ରାମବାସୀ ପ୍ରକାଶ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ ମଧ୍ୟ ରିପୋର୍ଟ ପ୍ରଦାନ କରି ନ ଥିବାରୁ ତଦନ୍ତରେ ଅବହେଳା କରାଯାଉଥିବା ଗଙ୍ଗାଧରଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ ସହ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ଓ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି। ଏ ନେଇ ଠାକୁରଗଡ଼ ଆଇଆଇସି ବବାକ୍ଷ ନାୟକ କୁହନ୍ତି, ଗଙ୍ଗାଧରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ତଦନ୍ତରେ କୌଣସି ଅବହେଳା ହୋଇନି।

# ସୂଚନା ଅଧିକାର ଅଭିଯାନ ମଜଭୁତ କର

**ଅନୁଗୋଳ ଅଫିସ, ୧୩।୯**

ଓଡ଼ିଶା ସୂଚନା ଅଧିକାର ଅଭିଯାନ ଅନୁଗୋଳ ଜିଲା ଶାଖାର ଏକ ବୈଠକ ମଦନ ମୋହନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ମନୋଜ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଏହି ବୈଠକରେ ସୂଚନା ଅଧିକାରୀ କର୍ମୀ ପ୍ରଦୀପ ସାହୁ ସଭାପତିତ୍ୱ କରିଥିଲେ। ସୂଚନା ଅଧିକାର ଅଭିଯାନକୁ ମଜଭୁତ କରି ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ନେତୃ ମଣ୍ଡଳୀ ଗୁରୁତ୍ୱାରୋପ କରିଥିଲେ। ଅନୁଗୋଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ଓ ବେଆଇନ କାରବାର ବୃଦ୍ଧି ପାଉଥିବା ଯୋଗୁ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ଉପରେ ଜୋର ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହ ନାକଟି ଦେଉଳ ଅଞ୍ଚଳର ସୂଚନା ଅଧିକାରୀ କର୍ମୀ ପର୍ଶୁରାମ ପ୍ରଧାନଙ୍କ ହତ୍ୟା ଘଟଣା, ଜିଲା ଡିଏଫଓଙ୍କ କାର୍ଯ୍ୟାଳୟରେ କିଛି ମାସ ତଳେ ଦୁଇ ସୂଚନା ଅଧିକାରୀ କର୍ମୀ ପ୍ରଦୀପ ସାହୁ ଓ ଜିତେନ୍ଦ୍ର ସାମଲଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରାଯାଇଥିଲା। ଏହି ଅବସରରେ ଅନୁଗୋଳ ସୂଚନା ଅଧିକାରର ସଂଯୋଜକ ଭାବେ ରୁଦ୍ର ନାରାୟଣ ଚୌଧୁରୀ, ସାଧାରଣ ସମ୍ପାଦକ ଭାବେ ସଞ୍ଜୟ ବିଶ୍ୱାଳ, ସହ ସମ୍ପାଦକ ସତ୍ୟପ୍ରିୟ ନାୟକ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ବୀର, ଉପଦେଷ୍ଟା ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଓକିଲ ଅଲେଖ ଚନ୍ଦ୍ର ତ୍ରିପାଠୀ ସାମାଜିକ କର୍ମୀ ଅଜୟ କୁମାର, ପ୍ରଦୀପ ସାହୁ, ବିମଳ କୃଷ୍ଣ ନାୟକ ଓ ଅଶୋକ କୁମାର ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

# ନାଲ୍‌କୋ ଅଫିସର୍ସ ଆସୋସିଏଶନ ପ୍ରତିଷ୍ଠା ଦିବସ

**ବଅଁରପାଳ,୧୩।୯ (ଡି.ଏନ.ଏ.)**



ନାଲ୍‌କୋ ଅଫିସର୍ସ ଆସୋସିଏଶନର ୩୨ ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ନାଲ୍‌କୋ ଇଡି ରାଜ କିଶୋର ମିଶ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ. ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆସୋସିଏଶନର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ପରେ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସୋସିଏଶନର ସଭାପତି ପ୍ରଶ୍ନ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ବନମାଳୀ ସେଠୀ, ସାଧାରଣ ସମ୍ପାଦକ ନଳିନୀ ପଣ୍ଡା, କୋଷାଧ୍ୟକ୍ଷ କେକେ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜୀବନ ଶାନ୍ତି ପ୍ଲାନ ନମ୍ବର ୮୫୦ ଶୁଭାରମ୍ଭ



**ଅନୁଗୋଳ ଅଫିସ, ୧୩।୯**

ଅନୁଗୋଳ ସ୍ଥିତ ଭାରତୀୟ ଜୀବନ ବୀମା ନିଗମ ଶାଖାରେ ନୂତନ ପଲିସି ଜୀବନ ଶାନ୍ତି ପ୍ଲାନ ୮୫୦ ନମ୍ବର ଶୁଭାରମ୍ଭ ଓ ଉନ୍ମୋଚିତ ହୋଇଯାଇଛି। ଶାଖାର ମୁଖ୍ୟ ପରିଚାଳକ ଆଇ.ଭି. ସ୍ୱାମୀ, ପ୍ରବନ୍ଧକ ଟି.ଡି. ବେହେରା ଏକ ଖବରଦାତା ସମ୍ମିଳନୀରେ ଏହାକୁ ଉନ୍ମୋଚନ କରିଥିଲେ। ସେ କହିଥିଲେ ଯେ, ବୁଧବାରଠାରୁ ଆରମ୍ଭ ହୋଇଥିବା ପଲିସିରେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ବୀମା ରହିଛି। ପେନ୍‌ସନ୍ ପଲିସି ମାଧ୍ୟମରେ ୩ ମାସ ପରେ ବୀମାଧାରୀଙ୍କୁ ଲୋନ୍ ଉପଲବ୍ଧ ହୋଇପାରିବ। ଏଥିସହ ୧ ବର୍ଷ ପୂରଣ ହେଲେ ବୀମାଧାରୀ ଚାହିଁଲେ ପୂରା ଟଙ୍କା ଉଠାଇ ନେଇପାରିବ। ୧ବର୍ଷରୁ ୨୦ ବର୍ଷ ମଧ୍ୟରେ ଥିବା ସମୟସୀମାରେ ଅଧିକ ଦିନ ଧରି ଲୋକମାନେ ପ୍ରିମିୟମ ଆମାଉଣ୍ଟ ରଖିଲେ ଅଧିକ ଟଙ୍କା ମିଳିବ ବୋଲି ଶାଖା ପକ୍ଷରୁ କୁହାଯାଇଛି। ଅନୁଗୋଳରେ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ୨୫ରୁ ୩୦ କୋଟି ଟଙ୍କା ନିବେଶ କରି ଏହି ବୀମାଭୁକ୍ତ ହେବେ ବୋଲି ସ୍ୱାମୀ କହିଥିଲେ।

# ନିର୍ବାଚନରେ ଭଲ ପ୍ରଦର୍ଶନ ପାଇଁ ପରାମର୍ଶ

**ବଇଣ୍ଡା, ୧୩।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପାଠାରେ କିଶୋରନଗର ଓ ଆଠମଲ୍ଲିକ ବ୍ଲକ କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବ୍ଲକ କଂଗ୍ରେସ ସଭାପତି ଗୌରାଙ୍ଗ ଚରଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ବୈଠକରେ କିଶୋରନଗର ବ୍ଲକ କଂଗ୍ରେସ ସଭାପତି ପ୍ରଦୀପ କୁମାର ବେହେରା, ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷ ସୁଦାମ ସାହୁ, ପିନା ମହାପାତ୍ର, ପ୍ରମୋଦ ପ୍ରଧାନ, ଅଚ୍ୟୁତ ନାୟକ, ଅରବିନ୍ଦ ସ୍ୱାଇଁ, ମକୁନ୍ଦ ପ୍ରଧାନ, କୁନା ରଥ, ସନ୍ତୋଷ ଧଳ, ଇନ୍ଦ୍ରମଣି ଆଚାର୍ଯ୍ୟ, ଶ୍ରୀନିବାସ ସାହୁ, ମନୋଜ କୁମାର ସିଂଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ସଙ୍ଗଠନ ମଜଭୁତ କରିବାକୁ ସମସ୍ତ କର୍ମୀ କାମ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।



ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନ ଚାଲିଛି।



ବାଘୁଣୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣାକୁ ନେଇ ବୁଧବାର ଦେଖାଯାଇଥିବା ଉତ୍ତେଜନା ଗୁରୁବାର ମଧ୍ୟ ବଳବତ୍ତର ଥିଲା। ଜଗନ୍ନାଥପୁରଠାରେ ଟାୟାର ଜାଳି ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।




ଗୁରୁବାର ଅପରାହ୍ନରେ ସାତକୋଶିଆ ଅଧିବାସୀଙ୍କ ସହ ଜିଲା ପ୍ରଶାସନ ଓ ବନବିଭାଗ ଅଧିକାରୀଙ୍କ ବୈଠକ ପରେ ପ୍ରଜାମାନଙ୍କୁ ଲିଖିତ ପ୍ରତିଶ୍ରୁତି ପଢି ଶୁଣାଯାଉଛି।

## ଆଜି କ'ଣ କେଉଁଠି

ଢେଙ୍କାନାଳ

- ହିନ୍ଦୀ ଦିବସ, **ସ୍ଥାନ:** ଜିଲା ବିଜ୍ଞାନ କେନ୍ଦ୍ର ପରିସର, **ସମୟ:** ଅପରାହ୍ନ ୨ଟା।
- ୪ର୍ଥ ନୃତ୍ୟାଙ୍ଗନା ସମ୍ମାନ ଉଦ୍‌ଯାପନୀ ଉତ୍ସବ, **ସ୍ଥାନ:** ଗୋପବନ୍ଧୁ ଟାଉନ୍ ହଲ୍, **ସମୟ:** ସନ୍ଧ୍ୟା ୬ଟା।

## ଭାଲୁ କାମୁଡ଼ାରେ ଜଣେ ଗୁରୁତର

**ଢେଙ୍କାନାଳ ଅଫିସ,୧୩।୯:**ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଗୋଡ଼ା ପିଙ୍ଗୁଆ ଗ୍ରାମର ରବି ମାଝି (୫୫) ଗୁରୁବାର ଭାଲୁ କାମୁଡ଼ାରେ ଗୁରୁତର ହୋଇଛନ୍ତି। ପୂର୍ବାହ୍ନ ୧୧ଟାରେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ରବିଙ୍କ ଡାହାଣ ଗୋଡ଼, ଜଙ୍ଘ ଏବଂ ଦୁଇହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନ, ୧୩।୯(ଡି.ଏନ.ଏ.):**ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଭୁବନ ପୋଲିସ କାଳୀବଜାର ଅଞ୍ଚଳର ଅଭିମନ୍ୟୁ ଜେନା (୪୦)ଙ୍କୁ ଗିରଫ କରିଛି। ସେପ୍ଟେମ୍ବର ୧ରେ ଅଭିମନ୍ୟୁଙ୍କ ବିରୋଧରେ ଅସଦାଚରଣ ମାମଲା ହୋଇଥିଲା। ସେହିଦିନଠାରୁ ଅଭିଯୁକ୍ତ ଫେରାର ଥିଲେ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା, ଅଭିଯୁକ୍ତ ସ୍ୱାମୀ ଗିରଫ

**ଭୁବନ, ୧୩।୯(ଡି.ଏନ୍.ଏ.):**ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଭୁବନ ପୋଲିସ ନଟାକଟା ମୌଜା ୩ନଂ. ୱାର୍ଡର ସନ୍ତୋଷ ବେହେରା (୩୦)ଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ତୋଷ ପ୍ରଥମେ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ଔରସରୁ ଦୁଇପୁଅ ଅଛନ୍ତି। ସେ ଦ୍ୱିତୀୟ ବିବାହ କରିବା ପରେ ପ୍ରଥମ ସ୍ତ୍ରୀଙ୍କୁ ମାରପିଟ୍ କରୁଥିଲେ। ଏ ନେଇ ସୋମବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୭୦/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଢେଙ୍କାନାଳ ଅଫିସ, ୧୩।୯:**ଢେଙ୍କାନାଳ ସଦର ଥାନା ବେଶାଳିଆ ଗ୍ରାମସ୍ଥିତ ଶାଶୁଘର ବାରଣ୍ଡାରୁ ରୀନା ନାଏକଙ୍କ ମୃତଦେହ ଗୁରୁବାର ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ରୀନାଙ୍କୁ ତାଙ୍କ ସ୍ୱାମୀ ସଞ୍ଜୟ ନାଏକ ହତ୍ୟା କରିଥିବା ମୃତା ମହିଳାଙ୍କ ଭାଇ ବୁଲୁ ନାଏକ ଥାନାରେ ଅଭିଯୋଗ କରିଛନ୍ତି। ପରଜଙ୍ଗ ଥାନା ଲୋଧଣୀ ଗ୍ରାମର ରୀନା ୯ବର୍ଷ ତଳେ ସଞ୍ଜୟଙ୍କୁ ବିବାହ କରିଥିଲେ। ସେମାନଙ୍କ ୮ବର୍ଷର ପୁଅ ଅଛି। ଅଧିକାଂଶ ସମୟରେ ସଞ୍ଜୟ ଭଉଣୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ନଂ. ୪୦୯/୧୮, ଦଫା ୩୦୨, ୪୯୮ (ଏ)ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଅଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ: ସାମିଲ ହେଲେ ୧୧ ପୂଜା ପ୍ରତିଷ୍ଠାନ

**ଭୁବନ, ୧୩।୯(ଡି.ଏନ୍.ଏ.):**ପବିତ୍ର ଗଣେଶ ପୂଜା ଅବସରରେ ଭୁବନ ଏନ୍‌ଏସିର ବିଭିନ୍ନ ଦୁର୍ଗା ପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦେଶଦୁର୍ଗା କମିଟି, ବନଦୁର୍ଗା କମିଟି, ପୋଥାଳ ସାହି, ବାଜିଛକ, ଦୁର୍ଗା ବଜାର, ହରପାର୍ବତୀ, କ୍ଲବ୍, ସେନସାହି ହରଗୌରୀ କ୍ଲବ, କ୍ଲାସିକ କ୍ଲବ, ହାଟୁଆ ବଣିକ ସଂଘ, ଗଡ଼ଗହମପୁର ପୂଜା କମିଟି ପକ୍ଷରୁ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ସାମିଲ ହୋଇଥିଲେ ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ ମଣ୍ଡଳୀ। ବ୍ରାହ୍ମଣୀ ନଦୀ ଶାଖା ରଗଡ଼ି ନାଳରୁ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇଥିଲା। ଶୁଭ ମାଟିକୁ ସହର ପରିକ୍ରମା କରାଇବା ପରେ ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତା ନିଜ ନିଜ ମଣ୍ଡପକୁ ଯାଇଥିଲେ। ହରପାର୍ବତୀ କମିଟିର ସଭାପତି ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ବିଶ୍ୱନାଥ ଅଗ୍ରୱାଲ, କୋଷାଧ୍ୟକ୍ଷ ରତିକାନ୍ତ ସେନାପତି, ଅଜୟ ସେଠୀ, ଜିତେନ୍ଦ୍ର ଅଗ୍ରୱାଲ, ମନୋଜ ବେହେରା, ସୁଧାକର ବେହେରା, ମନୋଜ କୁମାର ମହାନ୍ତି, ସଂକଳ୍ପ ପ୍ରଭାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୪ର୍ଥ ନୃତ୍ୟାଙ୍ଗନା ସମ୍ମାନ ଉତ୍ସବ ଉଦ୍‌ଘାଟିତ

# କଳା, ସଂସ୍କୃତି ଢେଙ୍କାନାଳକୁ ଗର୍ବିତ କରିଛି

**ଢେଙ୍କାନାଳ ଅଫିସ, ୧୩।୯**

କଳା, ସଂସ୍କୃତି ଏବଂ ପରମ୍ପରା ପାଇଁ ଢେଙ୍କାନାଳ ମାଟି ଗର୍ବିତ। ଏଠାକାର କଳାକାରମାନେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କଳା, ସଂସ୍କୃତି ଓ କଳାକାରଙ୍କ ଉନ୍ନତି ଲାଗି ସମସ୍ତ ସହଯୋଗ ଆବଶ୍ୟକ ବୋଲି କହିଛନ୍ତି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ। ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍‌ରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ୪ର୍ଥ ନୃତ୍ୟାଙ୍ଗନା ସମ୍ମାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ନଗରପାଳ ସୁଧାଂଶୁ କୁମାର ଦଳେଇ କହିଲେ, କଳା ଓ କଳାକାରଙ୍କ ପ୍ରତିଭାକୁ ଜନମାନସରେ ପ୍ରତିପାଦିତ କରିବାକୁ ଜିଲା ପ୍ରଶାସନ ସହଯୋଗରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ନୂତନ ଅଡିଟୋରିୟମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସରସ ସୁନ୍ଦର ଭାବେ ଗଢ଼ି


ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ତୋଳିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା କହିଲେ, କଳାସଂସ୍କୃତି ଅବସାଦ ଦୂର କରିବାର ଅନ୍ୟତମ ମାଧ୍ୟମ। ଅବସାଦଗ୍ରସ୍ତ ପିଲାଙ୍କୁ ଏଥିପ୍ରତି ଆକୃଷ୍ଟ କରାଇବାକୁ ଅଭିଭାବକ ଏବଂ ଶିକ୍ଷକମାନେ ଉଦ୍ୟମ କରିବା ଉଚିତ। ଜାତୀୟ ମାନବିକ ଅଧିକାର ପରିଷଦର ସମ୍ପାଦିକା ସବିତା ସାହୁ କହିଲେ, ଲୁକ୍କାୟିତ ପ୍ରତିଭା ବିକଶିତ କରିବା ଦିଗରେ ନୃତ୍ୟାଙ୍ଗନାର ଉଦ୍ୟମ ପ୍ରଶଂସନୀୟ।

ଅନୁଷ୍ଠାନର ସମ୍ପାଦକ ଗୁରୁ ସୁବାସ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶୁକ୍ରବାର ଉତ୍ସବର ଉଦ୍‌ଯାପନୀ ସମାରୋହରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରାରୋପଣ

**ଢେଙ୍କାନାଳ ଅଫିସ,୧୩।୯**

ଢେଙ୍କାନାଳ ଜିଲା ଗଁଦିଆ ବରପଦାସ୍ଥିତ ଶ୍ରୀରାମଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ରାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଡା. ସ୍ୱାଧୀନ ରଥଙ୍କ ନେତୃତ୍ୱରେ ୮୦ଟି ଗଛ ଲଗାଯାଇଥିଲା। ଏଥିରେ ଆଞ୍ଚଳିକ ସେବା ସଙ୍ଗଠନ, ବିଜୁ ବାହିନୀ ସଦସ୍ୟ ସହଯୋଗ କରିଥିଲେ। ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ପୂର୍ବତନ ସରପଞ୍ଚ ବଳରାମ ପରିଡ଼ା, ଦାଶରଥି ସାହୁ, ଡମ୍ବରୁଧର ସେଠୀ, ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୃକ୍ଷରୋପଣ।

# ଟାଟା ଷ୍ଟିଲର ପ୍ରତିଭା ଅନ୍ୱେଷଣ

**ଓଡ଼ାପଡ଼ା, ୧୩।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲାରେ ଟାଟାଷ୍ଟିଲ୍ ପକ୍ଷରୁ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ମଙ୍ଗଳବାର ଏବଂ ବୁଧବାର କୁଶପଙ୍ଗା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ଖଡଗପ୍ରସାଦ ପଞ୍ଚାୟତ ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପ୍ରବନ୍ଧ ଏବଂ ଓପନ କୁଇଜ୍ ପ୍ରତିଯୋଗିତାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୬ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ ମୁଖ୍ୟ ଦିବ୍ୟହାସ ରାୟ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌଭାଗ୍ୟ ରଞ୍ଜନ ଦାସ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କୁସୁପଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ବେହେରା, ବ୍ରାହ୍ମଣୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଦେବେନ୍ଦ୍ର ଶତପଥୀଙ୍କ ସମେତ ବହୁ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମ ଜିଲାର ୧୫ଟି ଶିକ୍ଷାନୁଷ୍ଠାନରେ ଶେଷହୋଇଛି। ଏଥିରେ ୩୩୨୩ ପ୍ରତିଯୋଗୀ ଅଂଶଗ୍ରହଣ କରିସାରିଲେଣି। ଆଗାମୀ ଦିନରେ ଢେଙ୍କାନାଳ-ଅନୁଗୋଳ ଜିଲାର ଅନ୍ୟ ସ୍କୁଲରେ ପ୍ରତିଯୋଗିତା ଆୟୋଜନ କରାଯିବ। ପ୍ରତି ଜିଲାର ଦୁଇଜଣ ଶ୍ରେଷ୍ଠ ପ୍ରତିଯୋଗୀ ଡିସେମ୍ବର ୧୨ ଏବଂ ୧୩ରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟେରିୟମରେ ହେବାକୁ ଥିବା ଗ୍ରାଣ୍ଡ୍ ଫାଇନାଲ ପ୍ରତିଯୋଗିତାରେ ଭାଗ ନେବେ। ୨୦ଜଣ ବିଜେତାଙ୍କୁ ଚୟନ କରାଯାଇ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ପରିଦର୍ଶନ ପାଇଁ ପଠାଯିବ ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି।

## ସମସ୍ୟା ସମାଧାନ ଦାବି କଲେ କନ୍ତାମିଲାବାସୀ

**ହିନ୍ଦୋଳ, ୧୩।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତକୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଅଞ୍ଚଳବାସୀ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟକୁ ପ୍ରଶାସନିକସ୍ତରରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଚାଷର ଉନ୍ନତି ପାଇଁ କେହି ଧ୍ୟାନ ଦେଉ ନ ଥିବାରୁ ଗ୍ରାମବାସୀ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମବାସୀ ଚାଷ ଉପରେ ନିର୍ଭରଶୀଳ। ଜଳସେଚନର ସୁବିଧା ନ ଥିବାରୁ ଜମି ପଡ଼ିଆ ପଡୁଛି। ଗ୍ରାମରେ ଥିବା ଏକମାତ୍ର ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ଶିକ୍ଷକ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟସେବା, ଗମନାଗମନ ସୁବିଧା ମଧ୍ୟ ନାହିଁ। ଉନ୍ନୟନମୂଳକ କାର୍ଯ୍ୟରେ ଗ୍ରାମବାସୀଙ୍କୁ ଅଣଦେଖା କରାଯାଉଛି। ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗ୍ରାମ ସଭାପତି ଅଶୋକ ସାମନ୍ତ, ସମ୍ପାଦକ ଜ୍ଞାନୀ ବିଶ୍ୱାଳ, କୁଳମଣି ବିଶ୍ୱାଳ, ବିଶ୍ୱନାଥ ପ୍ରଧାନ, କୁଞ୍ଜୁ ବିଶ୍ୱାଳ, ଅଭୟ ସାହୁ, ଦିବାକର ସାହୁ, ସୁମନ୍ତ ସାହୁ, ପ୍ରମୋଦ ପ୍ରଧାନ, ଦୀନବନ୍ଧୁ ସାହୁ, ଡମ୍ବରୁଧର ବିଶ୍ୱାଳ, ଭୁବନ ସାହୁ, ଧନେଶ୍ୱର ବିଶ୍ୱାଳ ପ୍ରମୁଖ ଶତାଧିକ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

## ହେମନ୍ତ ଥିଲେ କଳାପ୍ରିୟ ମଣିଷ


ସ୍ମୃତିସଭାରେ ଉପସ୍ଥିତ ଅତିଥି ଏବଂ ବୁଦ୍ଧିଜୀବୀମାନେ।

**ଓଡ଼ାପଡ଼ା, ୧୩।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସାଗର ସାହିତ୍ୟ ସଂସଦ ପକ୍ଷରୁ ସମ୍ପାଦକ ହେମନ୍ତ କୁମାର ରଥଙ୍କ ବିୟୋଗରେ ଗୁରୁବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସ୍ଥାୟୀ ସଭାପତି ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରାଜକିଶୋର ରାଉତ, ସମ୍ମାନିତ ଅତିଥି ଶିକ୍ଷାବିତ୍ ତ୍ରିଲୋଚନ ମହାରଣା, ଦୈତାରୀ ସାହୁ, ଅରୁଣ ସାହୁ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

ଶିକ୍ଷାବିତ୍ ଭାବେ ଜୀବନ ଆରମ୍ଭ କରିଥିବା ହେମନ୍ତ ପରବର୍ତ୍ତୀ ସମୟରେ ସାଂସ୍କୃତିକ ଜାଗରଣରେ ସାମିଲ ହୋଇଥିଲେ। ନୃତ୍ୟ, ସଙ୍ଗୀତରେ ସେ ନିଜର ପ୍ରତିଭାର ପରିଚୟ ଦେଇଥିଲେ। ଜଣେ କଳାପ୍ରିୟ ମଣିଷ ଭାବେ ସେ ଅଞ୍ଚଳବାସୀଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡ଼ିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହସମ୍ପାଦକ କାମାକ୍ଷାପ୍ରସାଦ ବେହେରା ସଭା ପରିଚାଳନା କରିଥିଲେ।

# ଛାତ୍ରୀଙ୍କୁ ବସ୍ ଡ୍ରାଇଭରଙ୍କ ବଳାତ୍କାର ଚର୍ଚ୍ଚା

**ଓଡ଼ାପଡ଼ା, ୧୩।୯(ଡି.ଏନ.ଏ)**

ଆଦର୍ଶ ଶିକ୍ଷା ପ୍ରଦାନ କରୁଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ସେହି ସ୍କୁଲର ବସ୍ ଚଳାଉଥିବା ଡ୍ରାଇଭର ବଳାତ୍କାର କରିଥିବା ଗୁରୁବାର ମୋଟଙ୍ଗା ଥାନା ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଗଣେଶପୂଜା ପାଇଁ ସ୍କୁଲ ସାଜସଜ୍ଜାରେ ଲାଗିଥିବା ସମ୍ପୃକ୍ତା ନାବାଳିକାଙ୍କୁ ସ୍କୁଲ ପ୍ରକୋଷ୍ଠରେ ବଳାତ୍କାର କରାଯାଇଥିବା କୁହାଯାଉଛି। ଅନ୍ୟପଟେ ସମ୍ପୃକ୍ତା ଛାତ୍ରୀ ଡ୍ରାଇଭରଙ୍କ ସହ ଅନୈତିକ କାର୍ଯ୍ୟରେ ଲିପ୍ତଥିବାବେଳେ ଧରାପଡ଼ିଥିବା ମଧ୍ୟ ଶୁଣିବାକୁ ମିଳୁଛି। ସ୍କୁଲ ପରିଚାଳନା ଦାୟିତ୍ୱରେ ଥିବା ଜଣେ ଅଧିକାରୀ ଘଟଣାକୁ ସ୍ୱୀକାର କରିଥିବାବେଳେ ବଳାତ୍କାର ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। କଥା ଆଗକୁ ବଢ଼ିଲେ ତାହା କ'ଣ ଭଲହେବ ବୋଲି ସେ ପାଲଟା ପ୍ରଶ୍ନ କରିଥିଲେ। ଏହି ଘଟଣା ନେଇ ବୁଧବାର ସନ୍ଧ୍ୟାଠାରୁ ଚର୍ଚ୍ଚା ଆରମ୍ଭ ହୋଇଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ଯାଏ ପୋଲିସ ପାଖରେ କୌଣସି ଅଭିଯୋଗ ହୋଇନାହିଁ ।

ଥାନାଧିକାରୀ ପ୍ରଭାତ କୁମାର ତ୍ରିପାଠୀ କୁହନ୍ତି, ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପଥଚାରୀଙ୍କୁ ଚାପିଦେଲା କ୍ଷୀର ଗାଡ଼ି

**କାମାକ୍ଷାନଗର, ୧୩।୯(ଡି.ଏନ୍.ଏ.)**

କାମାକ୍ଷାନଗର ଜଗନ୍ନାଥ ବଜାର ଅଞ୍ଚଳର ଶେଖ୍ କମର ଅଲ୍ଲି (୫୭) କ୍ଷୀର ବୋଝେଇ ଗାଡ଼ି (ଓଡ଼ି ୦୫ଏଚ୍ ୨୮୮୦) ଧକ୍କାରେ ଗୁରୁବାର ପ୍ରାଣ ହରାଇଛନ୍ତି। ସକାଳେ ଛକରେ ଠିଆ ହୋଇଥିବାବେଳେ ତାଙ୍କୁ ଉକ୍ତ କ୍ଷୀର ଗାଡ଼ି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଜଗନ୍ନାଥ ବଜାର ପକ୍ଷରୁ ସକାଳ ୬ଟାରୁ ୮ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା। ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଗାଡ଼ି ମାଲିକ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଗୋଦ୍‌ରେଜର ସ୍ମାର୍ଟ ଡିଜିଟାଲ ଲାଇଫ୍ ଶୋ'ରୁମ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୧୩।୯**

ଢେଙ୍କାନାଳ ରଥଗଡ଼ାରେ ଗୋଦ୍‌ରେଜ କମ୍ପାନୀର ଅତ୍ୟାଧୁନିକ ସ୍ମାର୍ଟ ଡିଜିଟାଲ ଲାଇଫ୍ ଶୋରୁମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ଜୋନାଲ ବିଜ୍‌ନେସ ମୁଖ୍ୟ ରଘୁନାଥ ମିଶ୍ର, ଯୁବରାଜ ଅମରଜ୍ୟୋତି ସିଂଦେଓ, ଆଞ୍ଚଳିକ ବିଜ୍‌ନେସ ମୁଖ୍ୟ ନୀଳମାଧବ ଜେନା ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଓଡ଼ିଶାର ୧୫ତମ ଏବଂ ଦେଶର ୯୩ତମ ଶୋରୁମ୍। ବ୍ୟବସାୟ ବଢ଼ାଇବା ଲକ୍ଷ୍ୟରେ ଢେଙ୍କାନାଳ ସହରରେ ପ୍ରଥମ ଥର ଏପରି ଶୋରୁମ୍ ଖୋଲାଯାଇଛି। ଏଠାରେ କମ୍ପାନୀର ବିଭିନ୍ନ ଉତ୍ପାଦ ଉପଲବ୍ଧ ହେଉଛି। ଉଦ୍‌ଘାଟନୀ ଦିବସରେ ଗ୍ରାହକଙ୍କ ପାଇଁ ଲକି ଡ୍ର ଅଫର ରଖାଯାଇଥିବା ଶୋରୁମ ପକ୍ଷରୁ ଜୟନ୍ତ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ଶୋ'ରୁମ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

# ଅଗ୍ରପୂଜ୍ୟଙ୍କ ଆରାଧନା


ଢେଙ୍କାନାଳ ବଜରଙ୍ଗ କ୍ଲବ ।


ଭୁବନ ରକ୍‌ଷ୍ଟାର କ୍ଲବ୍।

**ଢେଙ୍କାନାଳ ଅଫିସ/ଭୁବନ/ହିନ୍ଦୋଳ/ ରାସୋଳ (ଡି.ଏନ୍.ଏ.)୧୩।୯**

ଧରାବତରଣ କରିଛନ୍ତି ବିଘ୍ନରାଜ ଶ୍ରୀଗଣେଶ। ଅଗ୍ରପୂଜ୍ୟଙ୍କ ଆବାହନକୁ ନେଇ ପରିବେଶରେ ଭରିଛି ଆଧ୍ୟାତ୍ମିକତା। ଢେଙ୍କାନାଳ ସହରରେ ଗୁରୁବାରଠାରୁ ଆରମ୍ଭ ହୋଇଛି ସପ୍ତଦିବସୀୟ ଗଜାନନଙ୍କ ଆବାହନ। ୩୩ ମଣ୍ଡପରେ ପୂଜାର୍ଚ୍ଚନା ଚାଲିଛି। ହୋମଯଜ୍ଞ, ମନ୍ତ୍ରପାଠ, ବେଦବନ୍ଦନାରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ବାତାବରଣ। ପୌରାଣିକ କଥାବସ୍ତୁକୁ ନେଇ ସାଜସଜ୍ଜା, ସୁଦୃଶ୍ୟ ତୋରଣ, ରଙ୍ଗିନ ଆଲୋକମାଳା ପୂଜାକୁ ଅଧିକ ଆକର୍ଷଣୀୟ କରିଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ପାରମ୍ପରିକ ନୀତି ଅନୁଯାୟୀ ଗଣେଶଙ୍କୁ ପୂଜିଥିଲେ।

ଚଳିତବର୍ଷ ଟାଉନପ୍ଲାନିଂସ୍ଥିତ ସୁପରଟାଇଗର କ୍ଲବ ଏବଂ ଗାନ୍ଧୀ ମନ୍ଦିର ରୋଡ ଭାଗୀରଥି ସାଗର ନିକଟ ବ୍ଲୁଷ୍ଟାର କ୍ଲବର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟଜୟନ୍ତୀ ଉତ୍ସବ ପାଳିତ ହେଉଛି। ଆସନ୍ତା ୧୯ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ସଭାପତି ସୁଧାଂଶୁ କୁମାର ଦଳେଇ ଏବଂ ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି।

ଭୁବନ ଏନ୍‌ଏସିରେ ଚଳିତ ବର୍ଷ ୩୫ଟି ମେଢ଼ ହୋଇଛି। ୧୯ ପୂଜା ମଣ୍ଡପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଗୋଲଡେନ୍ କ୍ଲବର ୧୨ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗଣେଶ ପୂଜା ଶାନ୍ତି କମିଟି ସଭାପତି ବିନୋଦ କୁମାର ମହାରଣାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ସେହିପରି ହିନ୍ଦୋଳ ବ୍ଲକ ପାଟଳା, କଳିଙ୍ଗାପାଳରେ ମଧ୍ୟ ଧୁମ୍‌ଧାମରେ ପୂଜା ଆୟୋଜନ କରାଯାଇଛି। ସୁଦୃଶ୍ୟ ତୋରଣ, ସାଜସଜ୍ଜା, ଆଲୋକ ରୋଶଣିରେ ମଣ୍ଡପ ଝଲସୁଛି। ପାଟଳାରେ ପୂଜା କମିଟି ସଭାପତି ଗଣେଶ୍ୱର ନାଏକଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ସେପ୍ଟେମ୍ବର ୧୪ /୨୦୧୮ Dhenkanal-Angul, Friday, September 14 / 2018


## ଗଣେଶ ମନ୍ଦିର ଶିଳାନ୍ୟାସ କଲେ ମନ୍ତ୍ରୀ



କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ଭୁବନ, ୧୩।୯(ଡି.ଏନ୍.ଏ.)

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଭୁବନସ୍ଥିତ ବୁଦ୍ଧେଶ୍ୱର ଶୈବପୀଠରେ ବିଘ୍ନରାଜ ଗଣେଶଙ୍କ ମନ୍ଦିର ନିର୍ମାଣ ହେବ। ଏଥି ଲାଗି ଆରମ୍ଭ ହୋଇଛି ପ୍ରକ୍ରିୟା। ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଗୁରୁବାର ଏହାର ଶିଳାନ୍ୟାସ କରିଛନ୍ତି। ଏନ୍ଏସି ଅଧ୍ୟକ୍ଷା ସ୍ୱର୍ଣ୍ଣମଞ୍ଜରୀ ସାହୁ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ଅଜୟ ସେଠୀ, ରାଜେନ୍ଦ୍ର ନାୟକ, ସୁଶାନ୍ତ ପୃଷ୍ଟି, ସୁଧାକର ସାହୁ, ଟିଙ୍କୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଗ୍ଲୋରିୟସ କ୍ଲବ ପକ୍ଷରୁ ୧୨ ବର୍ଷ ହେଲା ଆୟୋଜିତ ହୋଇ ଆସୁଥିବା ଗଣେଶ ପୂଜା ଚଳିତବର୍ଷ ଉଦ୍ଯାପିତ ହୋଇଛି। ଏଣୁ ସର୍ବସମ୍ମତିକ୍ରମେ ବୁଦ୍ଧେଶ୍ୱର ମନ୍ଦିରରେ ଏକ ପ୍ରସ୍ତର ଗଣେଶ ମୂର୍ତ୍ତି ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୮ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ର ସହାୟତା କରୁଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମରେ କ୍ଲବ ସଭାପତି ଟିଙ୍କୁ ଦାସ, ସମ୍ପାଦକ ସୌଭାଗ୍ୟ ସାହୁ, ଈଶ୍ୱର ନାୟକ, ଜଗନ୍ନାଥ ଗୁରୁ, ଆଲୋକ ପୃଷ୍ଟି, ସୌଭାଗ୍ୟ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୂଷଣ ନିରାପତ୍ତା ଅଧିକାରୀଙ୍କୁ ଆକ୍ରମଣ

ଓଡ଼ାପଡ଼ା, ୧୩।୯(ଡି.ଏନ.ଏ.)

କଣ୍ଟାବଣିଆସ୍ଥିତ ଭୂଷଣ ଷ୍ଟିଲ କାରଖାନାର ନିରାପତ୍ତା ଅଧିକାରୀ ଧର୍ମାନନ୍ଦ ସାମଲଙ୍କ ଉପରେ ଗୁରୁବାର ଅପରାହ୍ନରେ ମରଣାନ୍ତକ ଆକ୍ରମଣ ହୋଇଛି। ଟାଟାଷ୍ଟିଲ କମ୍ପାନୀର ନିରାପତ୍ତା ଅଧିକାରୀ ଧର୍ମାନନ୍ଦ କିଛି ଦିନ ହେଲା ଡେପୁଟେଶନରେ ଆସିଛନ୍ତି। ଗୁରୁବାର କମ୍ପାନୀର ୨ନଂ. ଗେଟ୍‌ରେ ସେ କାର୍ଯ୍ୟ କରୁଥିବାବେଳେ ତାଳବାହାଳ ଗ୍ରାମର ଲକ୍ଷ୍ମୀକାନ୍ତ ନାୟକ, ସନ୍ତୋଷ ପ୍ରଧାନ, ବିନୋଦ ବେହେରା ଜୋର ଜବରଦସ୍ତ କାରଖାନା ଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ଏହାକୁ ନେଇ ଛକାପଞ୍ଝା ହୋଇଥିଲା। ଅଭିଯୁକ୍ତମାନେ ଅତର୍କିତ ଭାବେ ମାରଣାସ୍ତ୍ର ଦ୍ୱାରା ଧର୍ମାନନ୍ଦଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ନଂ. ୯୦/୧୮ରେ ମାମଲା ରୁଜୁ କରାଯାଇଛି। ଲକ୍ଷ୍ମୀକାନ୍ତ, ସନ୍ତୋଷଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଘଟଣାକୁ ନେଇ ଅଭିଯୁକ୍ତଙ୍କ ସମର୍ଥକମାନେ ଥାନା ପରିସରରେ ହୋହଲ୍ଲା କରିଥିଲେ।




■ ଗ୍ୟାସ୍ ନିଆଁରୁ ମା' ଝିଅଙ୍କ ମୃତ୍ୟୁ ମାମଲା

# ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍

ଭୁବନ, ୧୩।୯(ଡି.ଏନ.ଏ.)

ଭୁବନ ଏନ୍ଏସି ୩ନଂ. ୱାର୍ଡ ଗୋଡ଼ିପାଟଣା ଗ୍ୟାସ୍ ମୃତ୍ୟୁ ଘଟଣାରେ ଗୁରୁବାର ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଢେଙ୍କାନାଳରୁ ଆସିଥିବା ଫରେନ୍‌ସିକ୍ ଦଳ ମୃତକଙ୍କ ଘରେ ଛାନ୍‌ଭିନ୍ କରିଛନ୍ତି। ବିଶେଷଜ୍ଞ ରମେଶ ଚନ୍ଦ୍ର ଆଚାର୍ଯ୍ୟ ଏବଂ ସହକର୍ମୀମାନେ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିବା ସହ ଫଟୋଚିତ୍ର ଉତ୍ତୋଳନ କରିଥିଲେ। ଅନ୍ୟପଟେ ଘଟଣାର ୫ଦିନ ପରେ ସାଇଣ୍ଟିଫିକ୍ ତଦନ୍ତକୁ ନାପସନ୍ଦ କରିଛନ୍ତି ଅଞ୍ଚଳବାସୀ। କାରଣ ଏହି ୫ଦିନ ମଧ୍ୟରେ ଘରକୁ ବିଭିନ୍ନ ଲୋକ ଆସିଛନ୍ତି। ଘରେ ଥିବା ସାମଗ୍ରୀ ଏପଟସେପଟ କରାଯାଇଛି। ତେଣୁ ନମୁନାରୁ ସେଭଳି କିଛି ଠୋସ୍ ପ୍ରମାଣ ମିଳିବା କଷ୍ଟକର। ପୋଲିସ ଏହି ମାମଲାର ଅନ୍ୟ ଦିଗକୁ ନେଇ ଖୋଳତାଡ଼ କଲେ ପ୍ରକୃତ ରହସ୍ୟ ଖୋଲିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ଏ ସଂକ୍ରାନ୍ତରେ ତଦନ୍ତକାରୀ ଅଧିକାରୀ ପଙ୍କଜ କୁମାର ମାଝି କୁହନ୍ତି, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ହତ୍ୟା ଅଭିଯୁକ୍ତ ସ୍ୱାମୀ ଦୁର୍ଯ୍ୟୋଧନ ପୋଥାଲଙ୍କୁ ଥାନାକୁ ଆଣି ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା ପଚରାଉଚୁରା କରିଛନ୍ତି। ଘଟଣାର ରହସ୍ୟ ଉନ୍ମୋଚନ କରିବାକୁ ସମସ୍ତ ଉଦ୍ୟମ କରାଯାଉଛି।

## ହାତୀ ମୃତ୍ୟୁ ଘଟଣା: ଦୁଇ ବନ କର୍ମଚାରୀ ନିଲମ୍ବିତ

ହିନ୍ଦୋଳ, ୧୩।୯(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ ବାଲିମୀ ଥାନା ମହାଲୁଣ୍ଡା ପଞ୍ଚାୟତ ଡେଙ୍ଗବୁରୀ ହାତୀ ମୃତ୍ୟୁ ଘଟଣାରେ ନିଲମ୍ବିତ ହୋଇଛନ୍ତି ୨ବନ କର୍ମଚାରୀ। କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗରେ ଫରେଷ୍ଟର ଆର୍ଯ୍ୟରଞ୍ଜନ ସାହୁ, ଫରେଷ୍ଟ ଗାର୍ଡ ନମିତା ବେହେରାଙ୍କୁ ଜିଲା ବନଖଣ୍ଡ ଅଧିକାରୀ ରିଙ୍କୁ କୁମାରୀ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୩୧ରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ହାତୀ ପ୍ରାଣ ହରାଇଥିଲା। ତଦନ୍ତ ପରେ ବନ ବିଭାଗ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ